ଶନିବାର , ୬ ମେ, ୨୦୨୩

# ପିଲାଙ୍କ ଧରିତ୍ରୀ





୮
ଆଇନା






୬
କହିଲ ଦେଖି



# ସିଂହରାଜାର ବୁଦ୍ଧି



## ଗପ

ପାହାଡ଼ ତଳେ ଘଞ୍ଚ ଜଙ୍ଗଲଟିଏ ଥିଲା। ସେଇ ଜଙ୍ଗଲର ରାଜା ହେଉଛି ସିଂହ। ସେ ଖୁବ୍ ସାହସୀ, ପରାକ୍ରମୀ ଆଉ ବୁଦ୍ଧିମାନ୍। ଜଙ୍ଗଲର ସୁରକ୍ଷା ବିଷୟରେ ସିଂହ ସମସ୍ତଙ୍କ ସହିତ ଆଲୋଚନା କରେ ଆଉ ସାଥୀମାନଙ୍କୁ ଉଚିତ୍ ପରାମର୍ଶ ବି ଦିଏ।

ଖରାଦିନ ଆସିବା ପରେ ଜଙ୍ଗଲର ଛୋଟ ଛୋଟ ଜଳାଶୟଗୁଡ଼ିକ ଶୁଖିଗଲା। ମାଟି ଫାଟିକି ଆଁ କଲା। ପାହାଡ଼ ପାଖ ଝରଣାଟା ବି ଶୁଖିଗଲା। ସିଂହ ରାଜା ମନେ ମନେ ସ୍ଥିର କଲା କି ଏବେଠାରୁ କିଛି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଜୀବନ ଅସହ୍ୟ ହୋଇପଡ଼ିବ। ଯଥାଶୀଘ୍ର ସିଂହ ସମସ୍ତଙ୍କୁ ଡକେଇଲା। ଆଉ କହିଲା, ଜଙ୍ଗଲରେ ଥିବା ଜଳାଶୟଗୁଡ଼ିକର ସୁରକ୍ଷା ଏବେଠାରୁ ନ ନେଲେ ଆଗାମୀ ଦିନରେ ଆମେ ସମସ୍ତେ ଆହୁରି ଜଳ ସଙ୍କଟର ସମ୍ମୁଖୀନ ହେବା। ଆଗାମୀ ବର୍ଷ ପାଇଁ ଏବେଠାରୁ କିଛି ନୂଆ ଯୋଜନା କରିବାକୁ ହେବ। ପ୍ରଚଣ୍ଡ ଖରା ହିଁ ଅଧିକ ଜଳ ଶୋଷିଥାଏ। ତେଣୁ ଜଳାଶୟ ଆଖପାଖରେ ଗଛ ଲଗାଇବାକୁ ହେବ ; ଯାହା ଫଳରେ ସୂର୍ଯ୍ୟ କିରଣ ସିଧାସଳଖ ପଡିପାରିବ ନାହିଁ। ପାଖ ଝରଣାର ପାଣି କେମିତି ପାଖ ଜଳାଶୟକୁ ଆସିବ ତା’ ବାଟ ବି କରିବାକୁ ହେବ। ଏଥିଲାଗି ଆମକୁ କିଛି ପଥର ଖଣ୍ଡ ଆବଶ୍ୟକ। ଆଉ ମାଟି ବି ଖୋଳିବାକୁ ପଡିବ, ଯେମିତି ଝରଣାର ପାଣି ଜଳାଶୟକୁ ଯାଇପାରିବ।

ହାତୀ, ଗଣ୍ଡା ଭାରି ଅଳସୁଆ। ପରିଶ୍ରମ କରିବା କଥା ଶୁଣି ଦୁଇଜଣ ସିଂହ କଥାରେ ଆଦୌ ରାଜି ହେଲେନି। ସେମାନେ କହିଲେ, ସେ କାମ ଆମ ଦେଇ ହେବନି। ଅପେକ୍ଷା କର, ବର୍ଷା ହେଇଗଲେ ସବୁ ସମାଧାନ ହେଇଯିବ। ଏତିକି କହି ସେମାନେ ବାଟ କାଟିଲେ। ଗଧିଆ, ମାଙ୍କଡ଼, ଭାଲୁ, ଠେକୁଆ, ହରିଣ, ବିଲୁଆ କିନ୍ତୁ ସିଂହ ରାଜାଙ୍କ କଥା ମାନିଲେ। ଠେକୁଆ କହିଲା, ମୋ ସାଙ୍ଗ ମୂଷା ମାଟି ଖୋଳିବାରେ ସାହାଯ୍ୟ କରିବ। ହରିଣ କହିଲା, ମୋ ସାଙ୍ଗ ଝିଙ୍କ ବି ଭଲ ମାଟି ତାଡିପାରେ। ଭାଲୁ କହିଲା, ମୁଁ ପଥର ବୋହି ଦେବି। ମାଙ୍କଡ଼ କହିଲା, ମୁଁ ପାଚିଲା ଫଳର ମଞ୍ଜି ନେଇ ଜଳାଶୟ ଆଖପାଖରେ ଫିଙ୍ଗିବି ଆଉ ବର୍ଷା ଆସିଲେ ସେସବୁ ଚାରାର ରୂପ ନେବ। ଦିନ ଧାର୍ଯ୍ୟ ପରେ ସମସ୍ତେ ଅପେକ୍ଷାରେ ରହିଲେ।

ସିଂହ ରାଜା କହିଥିବା ଅନୁସାରେ ସମସ୍ତେ କାମରେ ଲାଗିପଡ଼ିଲେ। ଖରା ଗରମ ବଢ଼ିଲା ପରେ ବି ଗଧିଆ, ମାଙ୍କଡ଼, ଠେକୁଆ, ହରିଣ, ଭାଲୁ ଆଉ ବିଲୁଆ ଖରାକୁ ଖାତିର ନ କରି ରାତିଦିନ କାମରେ ଲାଗିଥା’ନ୍ତି। ଆଉ ସିଂହ ବି ସହଯୋଗ କରୁଥାଏ। ଜଳାଶୟରେ ଯୋଉ ଅଳ୍ପ ପାଣି ଥାଏ, ସେମାନଙ୍କର କାମ ଚଳିଯାଉଥାଏ। ହେଲେ ହାତୀ, ଗଣ୍ଡାଙ୍କର ଅଧିକ ପାଣି ଆବଶ୍ୟକ। ପାଣି ପାଇଁ ଏଣେତେଣେ ଧାଇଁଲେ, ହେଲେ କୋଉଠି ଟୋପେ ପାଣି ପାଇଲେ ନାହିଁ। ଭୋକ ଶୋଷରେ ସେମାନଙ୍କ ଦେହ ଅସୁସ୍ଥ ହେଇଗଲା। ଯୋଗକୁ ହରିଣ ଆଉ ମାଙ୍କଡ଼ ସେଇଠି ପହଞ୍ଚି ପାଣି ଆଉ ଖାଦ୍ୟ ବ୍ୟବସ୍ଥା କରିଦେଲେ। ଏବେ ନିଜ ଭୁଲ ବୁଝି ଦୁଇ ଜଣ ଜଙ୍ଗଲକୁ ଫେରି ଆସିବାକୁ ଉଚିତ୍ ମନେ କଲେ। ଆଉ ସିଂହରାଜାଙ୍କ କଥା ମାନିବାକୁ ଜବାବ ବି ଦେଲେ। ଦୁଇ ଜଣ ଯୋଗ ଦେବାପରେ କାମ ଆହୁରି ଜୋରରେ ଆଗେଇଲା। ଚାହୁଁ ଚାହୁଁ ବର୍ଷାଦିନ ପାଖେଇ ଆସିଲା। ଜଳାଶୟ ଆଖପାଖରେ ପଡ଼ିଥିବା ମଞ୍ଜିସବୁ ଚାରାର ରୂପ ନେଲା ଆଉ ଝରଣା ପାଣିରେ ଆଖପାଖ ଜଳାଶୟଗୁଡିକ ପୂରି ଉଠିଲା। ସେ ବର୍ଷ ଖରାଦିନ ବେଳକୁ ଜଙ୍ଗଲରେ ପାଣିର ସମସ୍ୟା ଆଦୌ ରହିଲା ନାହିଁ। ସମସ୍ତେ ସିଂହରାଜାଙ୍କର ଜୟଗାନ କଲେ।

– ଦେବେନ୍ଦ୍ର କର
ମଙ୍ଗଳାବାଗ, ନିୟୋଗି କଲୋନି, କଟକ
ମୋ: ୯୯୩୭୯୬୩୯୧୦

# ଠିକ୍ ନୁହେଁ ଖାଇବା ପରେ ତୁରନ୍ତ ସ୍ନାନ



ଖାଇବା ପରେ ତୁରନ୍ତ ସ୍ନାନ କରିବା ଆଦୌ ଠିକ୍ ନୁହେଁ। ଏଭଳି ଅଭ୍ୟାସ ଫଳରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଉଭୟ ଆୟୁର୍ବେଦ ଓ ଚିକିତ୍ସା ବିଜ୍ଞାନ (ମେଡିକାଲ୍ ସାଇନ୍ସ)ରେ ଏହାକୁ ବାରଣ କରାଯାଇଛି। ବିଜ୍ଞାନ ଅନୁସାରେ ଖାଦ୍ୟ ଗ୍ରହଣ କରିବା ପରେ ତୁରନ୍ତ ସ୍ନାନ କରିବା ଫଳରେ ଖାଦ୍ୟ ହଜମ ପ୍ରକ୍ରିୟା ପ୍ରଭାବିତ ହୋଇଥାଏ। ଫଳରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଏମିତିକି ସ୍କିନ୍ ଆଲର୍ଜି ଓ ମୁହଁରେ ବ୍ରଣ ହେବା ଭଳି ସମସ୍ୟା ମଧ୍ୟ ଦେଖାଦେଇଥାଏ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଶରୀରକୁ ଥଣ୍ଡା ବା ଶୀତଳ କରିବା ପାଇଁ ସ୍ନାନ କରାଯାଏ। ତେଣୁ ସ୍ନାନ କରିବା ପରେ ଶରୀରର ତାପମାତ୍ରା କମ୍ ହୋଇଥାଏ, ଯାହା ଫଳରେ ସେହି ସମୟରେ ରକ୍ତ ସଞ୍ଚାଳନ ମଧ୍ୟ ଅନ୍ୟ ସମୟ ତୁଳନାରେ କମ୍ ହୋଇଥାଏ। ରକ୍ତ ସଞ୍ଚାଳନ କମ୍ ରହିବା ଫଳରେ ଖାଦ୍ୟ ହଜମ ପ୍ରକ୍ରିୟା ବିଳମ୍ବ ହୋଇଥାଏ। ତେଣୁ ଖାଦ୍ୟ ଖାଇବା ପରେ ତୁରନ୍ତ ସ୍ନାନ ନ କରି ଅତି କମ୍‌ରେ ଅଧଘଣ୍ଟା କିମ୍ବା ୪୫ ମିନିଟ୍ ପରେ ସ୍ନାନ କରିବା ଉଚିତ୍ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଥା’ନ୍ତି। ଆୟୁର୍ବେଦରେ ମଧ୍ୟ ଖାଦ୍ୟ ଗ୍ରହଣ କରିବାର ସ୍ୱତନ୍ତ୍ର ସମୟ ଓ ଶୈଳୀ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ ବୋଲି କୁହାଯାଇଛି। ତେବେ ଆୟୁର୍ବେଦ ଅନୁସାରେ ଖାଇବାର ୨ ଘଣ୍ଟା ପରେ ସ୍ନାନ କରିଲେ ଭଲ।

## ରଙ୍ଗ ଦିଅ



## ମତାମତ

▶▶ ‘ଖରାଛୁଟିରେ...’ ବିଷୟ ଉପସ୍ଥାପନାଟି ସୁନ୍ଦର ହୋଇଛି।
– ବିଘ୍ନେଶ କୁମାର ରାଉତ, ଢେଙ୍କାନାଳ

▶▶ ଏଥର ‘ଗପ’ ସ୍ତମ୍ଭରେ ପ୍ରକାଶିତ ‘ସେନ୍ତେରି ବୁଢ଼ୀର ଦଶ ଟଙ୍କା ଗପଟି ପଢ଼ି ଶିଖିଲି ଯେ ଅତି ଲୋଭ କରିବା ଠିକ୍ ନୁହେଁ।’
– ମୀନାକ୍ଷୀ ଦାସ, କେନ୍ଦ୍ରାପଡ଼ା

▶▶ ଏଥର ‘ତୁମ ତୂଳୀରୁ’ ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇଛି।
– ଅନିକେତ ମହାନ୍ତି, ପୁରୀ

▶▶ ଏହାର ସମସ୍ତ ପୃଷ୍ଠା ବେଶ୍ ସୁନ୍ଦର ହେଉଛି।
– ତାପସୀ ଦାସ, ରାଉରକେଲା



## ଖିଲି ଖିଲି ହସ

ମିକୁ: ଚିକୁ, କହିଲୁ ଦୁଇଟି ସମାନ୍ତର ରେଖା ପରସ୍ପରକୁ କାଟନ୍ତି ନାହିଁ କାହିଁକି ?
ଚିକୁ: (କିଛି ସମୟ ଭାବିଲା ପରେ) ସେମାନଙ୍କର ବୋଧେ ଦାନ୍ତ ନାହିଁ।

ପିଙ୍କି: ବାପା, ମୋତେ ଟିକେ କମ୍ପ୍ୟୁଟର ଚଲାଇବା ଶିଖାଇଦିଅ।
ବାପା: ପ୍ରଥମେ ତୁ ମାଉସ୍ ଚଲାଇବା ଶିଖ୍, ତା’ପରେ କମ୍ପ୍ୟୁଟର।
ପିଙ୍କି: କିନ୍ତୁ ବାପା ମାଉସ୍ ଧରିବା କାମ ବିଲେଇର, ହେଲେ ମୁଁ କାହିଁକି ଧରିବି।

ଆଗରୁ ଯେତେବେଳେ ମୋବାଇଲ୍ ହାତରୁ ଖସି ପଡୁଥିଲା ମୋବାଇଲ୍‌ର ବ୍ୟାଟେରି ବାହାରି ପଡୁଥିଲା। ସେହିପରି ଏବେ ଯଦି କାହା ହାତରୁ ମୋବାଇଲ୍ ଖସିପଡୁଛି, ସେତେବେଳେ ତା’ର କିଡ୍‌ନୀ, ଲିଭର, ହୃତ୍‌ପିଣ୍ଡ ଓ କଲିଜା ବାହାରି ପଡୁଛି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



**ପିଲାମାନେ ପାଠ ପଢ଼ିବା ସମୟରେ ନିଜର ଚିନ୍ତାଧାରାକୁ ସକାରାତ୍ମକ ରଖିବା ନିହାତି ଜରୁରୀ । ହେଲେ କେତେକ ପିଲାଙ୍କଠାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ତେବେ ସେମାନେ କିପରି ନକାରାତ୍ମକ ଚିନ୍ତାଧାରାରୁ ମୁକୁଳିବେ ସେ ନେଇ କିଛି ଟିପ୍ସ...**

# ପିଲାଙ୍କ ମନରେ ନକାରାତ୍ମକ ଚିନ୍ତା

ପିଲାଙ୍କ ମନ ଚଞ୍ଚଳ । ସେମାନେ ବେଳେବେଳେ ଅନେକ କଥାକୁ ସହଜରେ ଗ୍ରହଣ କରିନେଇ ଥାଆନ୍ତି । ପରବର୍ତ୍ତୀ ସମୟରେ ଏଭଳି କଥା ସେମାନଙ୍କ ପାଇଁ ସମସ୍ୟାର କାରଣ ସାଜିଥାଏ । ପାଠପଢ଼ା ସମୟରେ ସେମାନେ ଏଭଳି କଥା ଶିଖିବା ଦରକାର, ଯାହା ସେମାନଙ୍କର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବ । ଏପରି କିଛି କଥା ଅବା ଘଟଣା ପିଲାମାନଙ୍କ ମାନସିକତାକୁ ପ୍ରଭାବିତ କରିଥାଏ, ଯଦ୍ଵାରା ସେମାନଙ୍କର ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି ହୁଏ । ଏପରି କି କେତେକ ପାଠପଢ଼ାକୁ ଗୁରୁତ୍ୱ ନ ଦେଇ ନକାରାତ୍ମକ କଥାକୁ ପ୍ରାଧାନ୍ୟ ଦିଅନ୍ତି। ଏହାଦ୍ୱାରା ସେମାନେ ନିଜକୁ ଭୁଲ ରାସ୍ତାରେ ପରିଚାଳିତ କରିଥାଆନ୍ତି। ତେଣୁ ପିଲାମାନଙ୍କ ମନରୁ ଏଭଳି ଧାରଣା ପ୍ରଥମେ ଦୂର ହେବା ଦରକାର । ସେ ନେଇ ସେମାନେ ସଚେତନ ହେବା ସହ ଏଭଳି ପରିବେଶରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରିବା ଆବଶ୍ୟକ ।

## ଭାବନାକୁ ପରିପ୍ରକାଶ କରନ୍ତୁ

ପିଲା ନିଜ ଭାବନାକୁ ମାତାପିତାଙ୍କ ସହ ଶେୟାର କରିବାକୁ ଠିକ୍ ଭାବି ନ ଥା'ନ୍ତି। କିନ୍ତୁ ଏ କ୍ଷେତ୍ରରେ ଯେତେସମ୍ଭବ ପିଲା ଖୋଲାଖୋଲି ଭାବେ ସେମାନଙ୍କ ସହ ଆଲୋଚନା କଲେ ଭଲ । ଯଦି ନିଜ କଥାକୁ ମନ ଭିତରେ ଚାପି ରଖିବ ତେବେ ମନରେ ନକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ । ତେଣୁ ମାତା ପିତାଙ୍କ ସହ କଥା ହୁଅନ୍ତୁ। ନିଜେ ଯଦି ଲାଜ କରୁଛନ୍ତି , ସେଭଳି ଭାବନା ତୁରନ୍ତ ମନରୁ ଦୂର କରନ୍ତୁ। ଏହାଦ୍ୱାରା ନିଜ ଲକ୍ଷ୍ୟ ପଥରେ ସହଜରେ ଅଗ୍ରସର ହୋଇପାରିବେ ।

## ଦୋଷ ସୁଧାରନ୍ତୁ

ଦୋଷତ୍ରୁଟି କରୁଥିଲେ ତାକୁ ସୁଧାରିନେବାକୁ ଚେଷ୍ଟା କରନ୍ତୁ। ହେଲେ ପରବର୍ତ୍ତୀ ସମୟରେ ତାହା ଜଟିଳ ଆକାର ଧାରଣ କରିବାର ସମ୍ଭାବନା ରହିଛି । କୌଣସି କଥାକୁ ନେଇ ଯଦି ଚିନ୍ତିତ ଅଛନ୍ତି, ତାହାର କାରଣ ଖୋଜିବା ସହ ନିଜ ମାନସିକତା କିପରି ସକାରାତ୍ମକ ରହିବ ସେ ନେଇ ଦୃଷ୍ଟି ଦିଅନ୍ତୁ । କେତେକ ବିଷୟକୁ ନେଇ ପିଲା ଚିନ୍ତାଗ୍ରସ୍ତ ହୋଇଥାଆନ୍ତି । ସେହି ବିଷୟକୁ ଅନୁଧ୍ୟାନ କରି ତାହାର ସମାଧାନ କରନ୍ତୁ।

## ନେଗେଟିଭ୍ ଲୋକଙ୍କଠୁ ଦୂରେଇ ରୁହନ୍ତୁ

ସାଙ୍ଗମାନେ ଯଦି ଖରାପ ହୋଇଥିବେ, ତେବେ ସେମାନଙ୍କ ସଂସ୍ପର୍ଶରେ ଆସିଲେ ତାହାର ପ୍ରଭାବ ପିଲାମାନଙ୍କ ଉପରେ ପଡିବାର ସମ୍ଭାବନା ରହିଛି। ସକାରାତ୍ମକ ଚିନ୍ତାଧାରା ରଖୁଥିବା ପିଲାଙ୍କ ସହ ସାଙ୍ଗ ହୁଅନ୍ତୁ। ଅନ୍ୟମାନଙ୍କ ଠାରୁ ସବୁବେଳେ ଭଲ କଥା ଶିଖନ୍ତୁ ଏବଂ ତାହାକୁ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ।

## ସକରାତ୍ମକ ଚିନ୍ତାଧାରା

ନିଜ ମାନସିକତାକୁ ଯେତେ ସମ୍ଭବ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏ ବିଷୟରେ ମାତା ପିତା ପିଲାଙ୍କ ସହ ଆଲୋଚନା କଲେ ସେମାନେ ଆପଣଙ୍କୁ ନିଜର ରୋଲମଡେଲ ପରି ମାନିବା ଆରମ୍ଭ କରିଦେବେ ।

## ସଫଳ ହେବା ପାଇଁ ..

ସଫଳତା ଏବଂ ବିଫଳତା– ଜୀବନର ଏକ ପ୍ରମୁଖ ଅଂଶ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି ପ୍ରଥମେ ସଫଳତା ପାଇନାହାନ୍ତି ତେବେ ଦିନେ ନା ଦିନେ ସଫଳ ହେବେ ବୋଲି ମନରେ ଦୃଢ଼ ବିଶ୍ୱାସ ରଖନ୍ତୁ।



### ଭୁଲ୍‌କୁ ସୁଧାରେ



ଯଦି କିଛି ଭୁଲ୍ କରିଥାଏ, ତେବେ ତାହାକୁ ସୁଧାରିବାକୁ ଚେଷ୍ଟା କରେ । ଯଦି କେବେ କୌଣସି ନୂଆ କଥା ଚିନ୍ତା କରେ ତେବେ ଏ ବିଷୟରେ ପ୍ରଥମେ ମାତା ପିତାଙ୍କ ସହ ଆଲୋଚନା କରେ । ଏହା ଦ୍ୱାରା ମୋ ମନ ଟିକେ ରିଲାକ୍ସ ଲାଗେ ଏବଂ ମାନସିକତା ପଜିଟିଭ ରହିଥାଏ ।

–**ସୋନିସ୍ମିତା ମିଶ୍ର,** କ୍ଲାସ–୯, ଏ.ଟି.ବି.ଏନ୍ ଉଚ୍ଚ ବିଦ୍ୟାଳୟ,ଆଳିସି ଶାସନ , ଖୋର୍ଦ୍ଧା

### ଭଲ କଥା ଶିଖିଥାଏ



ସବୁବେଳେ ନିଜ ମନକୁ ପଜିଟିଭ ରଖିବାକୁ ଚେଷ୍ଟା କରେ। ଯେଉଁ କଥାରୁ ମୋତେ କିଛି ଶିଖିବାର ନାହିଁ, ତାହାକୁ ଆଦୌ ଗୁରୁତ୍ୱ ଦିଏନା। ସବୁବେଳେ ମା'ବାପାଙ୍କ କଥାକୁ ସମ୍ମାନ ଦିଏ ଏବଂ ତାହାକୁ ଗ୍ରହଣ କରେ। କାରଣ ସେମାନେ ସବୁବେଳେ ଆମର ଭଲ ଚିନ୍ତା କରିଥାଆନ୍ତି। ନକାରାତ୍ମକ କଥାକୁ ଆଦୌ ଗ୍ରହଣ କରେନା। କାରଣ ନିଜ ଲକ୍ଷ୍ୟପଥରେ ଅଗ୍ରସର ହେବାକୁ ହେଲେ ନିଜର ଚିନ୍ତାଧାରାକୁ ସବୁବେଳେ ସକାରାତ୍ମକ ରଖିବାକୁ ହିଁ ପଡ଼ିବ।

–**ସ୍ୱୟଂଭବ ମହାନ୍ତି,** କ୍ଲାସ–୬, ଷ୍ଟୁଆର୍ଟ ସ୍କୁଲ, ଭୁବନେଶ୍ୱର


୧
ଆଦିତ୍ୟ ଦାଶ
କ୍ଲାସ- ୧୦, ବଟମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପାଳପୁର


୨
ଆଦ୍ୟାଶା ଶତପଥୀ
କ୍ଲାସ- ୩, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ସାକ୍ଷୀଗୋପାଳ, ପୁରୀ


୩
ଦେବସ୍ତୁତି ମହାରଣା
କ୍ଲାସ- ୨, ମଦନାୱତୀ ପବ୍ଲିକ ସ୍କୁଲ, ଅଇଁଠାପାଲ୍ଲୀ, ସମ୍ବଲପୁର


୪
ପ୍ରତୀକ୍ଷା ମହାପାତ୍ର
କ୍ଲାସ- ୬, କେନ୍ଦ୍ରୀୟ ବିଦ୍ୟାଳୟ, ଜଗତସିଂହପୁର


୫
ପ୍ରତ୍ୟୁଷ ମହାଖୁଡ
କ୍ଲାସ- ୮, ସରସ୍ୱତୀ ଶିଶୁ ମନ୍ଦିର, ନିଳାଦ୍ରି ବିହାର, ଭୁବନେଶ୍ୱର


୬
ପ୍ରୀତିଦୀପ୍ସା ସାହୁ
କ୍ଲାସ- ୫, ମୋନାଲିସା ଇଂଲିଶ ମିଡିୟମ୍ ସ୍କୁଲ, ଖୋର୍ଦ୍ଧା


୭
କ୍ଷିତିଶ୍ ଆଚାର୍ଯ୍ୟ
କ୍ଲାସ- ୬, ବ୍ଲେଶଡ୍ ସାକ୍ରାମେଣ୍ଟ ହାଇସ୍କୁଲ, ପୁରୀ


୮
ପ୍ରତିମା ଗଉଡ
କ୍ଲାସ- ୬, ସରସ୍ୱତୀ ଶିଶୁ ମନ୍ଦିର, ରୁପ୍ରାରୋଡ, କଳାହାଣ୍ଡି


୧



୨


୭


୩


୪


୫


୬


୮

ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଚଳନ୍ତା ସାଇକେଲ୍‌ରେ ରୁବିକ୍ କ୍ୟୁବ୍

ସାଇକେଲ ଚଳାଉଥିବା ସମୟରେ ରୁବିକ୍ କ୍ୟୁବ୍ ସମାଧାନ କରି ରେକର୍ଡ କରିଛନ୍ତି ସର୍ବଜ୍ଞ କୁଳଶ୍ରେଷ୍ଠ। ଏଭଳି ଏକ ଭିନ୍ନ ଧରଣର କାମ ପାଇଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି ତାଙ୍କ ନାଁ। ହରିୟାଣା ଗୁରୁଗ୍ରାମର କୁଳଶ୍ରେଷ୍ଠ ମାତ୍ର ୧୫ ବର୍ଷ ବୟସରେ ଏହି ରେକର୍ଡ କରିଛନ୍ତି। ସାଇକେଲ ଚଳାଇବା ସମୟରେ ସେ ମାତ୍ର ୧୨.୯୦ ସେକେଣ୍ଡରେ ରୁବିକ୍ କ୍ୟୁବ ସମାଧାନ କରି ପାରିଛନ୍ତି। ତେବେ ଏଭଳି ଏକ ରେକର୍ଡ କରିବା ପାଇଁ ସେ ଅନେକ ଦିନରୁ ଅଭ୍ୟାସ ଚଳାଇଥିଲେ। ଛୋଟବେଳେ ସେ ରୁବିକ୍ କ୍ୟୁବ ସମାଧାନ କରିବାବେଳେ ଅନ୍ୟମାନଙ୍କୁ ଲକ୍ଷ୍ୟ କରୁଥିଲେ। ଏତେ ଶୀଘ୍ର ଅନ୍ୟମାନେ କିଭଳି ରୁବିକ୍ କ୍ୟୁବ୍ ସମାଧାନ କରିଦିଅନ୍ତି ତାହା ଦେଖି ସେ ନିଜେ ସେହିଭଳି କରିବା ପାଇଁ ପ୍ରେରଣା ପାଇଥିଲେ ବୋଲି କହିଛନ୍ତି। ତେବେ ସର୍ବଜ୍ଞ



ଏହି ରେକର୍ଡ କରି ଏବେ ଅନ୍ୟମାନଙ୍କ ପାଇଁ ତ ପ୍ରେରଣା ସାଜିଛନ୍ତି ହେଲେ ଆଗକୁ ଆହୁରି ରେକର୍ଡ କରିବା ପାଇଁ ଅଭ୍ୟାସ ଚଳାଇଛନ୍ତି।

## ନୀଳ ଆକାଶ



ପଚାରେ କୁନା ବାପାକୁ ଥରେ ଶୁଣ ବାପା ମୋ କଥା
ଆକାଶ କିଏ କରିଛି ନୀଳ ଭାବି ଘୂରେ ମୋ ମଥା।
ରାତିରେ ଖାଲି କଳା ଅନ୍ଧାର ଦିନରେ ନୀଳ ଦିଶେ
ସଞ୍ଜ ସକାଳେ ନାଲି ରଙ୍ଗଟି କୁଆଡୁ ଆସି ମିଶେ।
ଖରା ସାଙ୍ଗରେ ବରଷା ହେଲେ ଇନ୍ଦ୍ରଧନୁଟି ଆସେ
କଳା ଧଳା ସେ ବଉଦ ପୁଣି ନୀଳ ଆକାଶେ ଭାସେ।
କହିଲେ ବାପା ସୁନା ପୁଅ ମୋ କହୁଛି କଥା ଶୁଣ
ବୁଝି ନାହାନ୍ତି ନୀଳ ରଙ୍ଗ କେ ଆଲୋକର ଏ ଗୁଣ।
ସୂର୍ଯ୍ୟକିରଣ ପୃଥିବୀ ପାଶେ ଆସିବା ବାଟ ପରେ
ଅବଶୋଷିତ ପ୍ରତିଫଳିତ ରଙ୍ଗ ସବୁ ବିଛୁରେ।
ଯେଉଁ ରଙ୍ଗର ତରଙ୍ଗ ଦୈର୍ଘ୍ୟ ଊଣା ଅଟଇ ଜାଣ
ସେହି ରଙ୍ଗଟି ଅଧିକ ରଙ୍ଗ ବିଛୁରିଯାଏ ପୁଣ।
ନୀଳ ରଙ୍ଗର ତରଙ୍ଗ ଦୈର୍ଘ୍ୟ କମ୍ ଅଟେ ବୋଲି
ଆକାଶସାରା ଖେଳାଇ ଦିଏ ନୀଳ ରଙ୍ଗର ହୋଲି।
ଭାସମାନ ସେ ବାୟୁରେ ଥିବା ଧୂଳିକଣାରେ ମିଶେ
ଖାଲି ଆକାଶେ ଜଳୀୟ ବାଷ୍ପ ନୀଳ ରଙ୍ଗ ଯେ ଦିଶେ।

– ଲୀଳାବତୀ ପରିଡ଼ା
ହିନ୍ଦୋଳ, ଢେଙ୍କାନାଳ, ମୋ: ୯୮୬୧୯୪୫୬୨୬

## ଅଂଶୁଘାତ




ଜ୍ୟେଷ୍ଠ ହେଉ ଅବା ବୈଶାଖ ମାସ
ଅଂଶୁଘାତ କରେ ପ୍ରାଣକୁ ନାଶ।
ଅଂଶୁଘାତଠାରୁ ବର୍ତ୍ତିବା ପାଇଁ
ବାହାରକୁ ଜମା କେ' ଯାଅ ନାହିଁ।
ହାଲିଆ ହୋଇଲେ ଗମନ କାଳେ
ନେଉଥା' ବିଶ୍ରାମ ପାଦପ ତଳେ।
ଖରାଦିନେ ଗଲେ ଘରୁ ବାହାରି
ଯାଉ ଥାଅ ସର୍ବେ ଛତାକୁ ଧରି।
ଘୋଳ ଦହି ସାଥେ ମଣ୍ଡ ତୋରାଣି
ପିଉଥାଅ ଯଥେଷ୍ଟ ପଇଡ଼ ପାଣି।
ଯତନରେ ପୋଛି ଦେହରୁ ଝାଳ
ଭୋଜନ କରିବ ଦହି ପଖାଳ।
ଖାଲିଟାରେ ହେଳା ନ କରି ଜମା
ଆଖିରେ ପିନ୍ଧିବ କଳା ଚଷମା।
ଚିକିତ୍ସା ସାଥିରେ ପ୍ରତିଷେଧକ
ମାନୁଥାଅ ଭାଇ ତେଜି ସଉକ।
ଅଂଶୁଘାତେ କେହି ହେଲେ ଆକ୍ରାନ୍ତ
ଡାକ୍ତରଖାନାକୁ ନିଅ ତୁରନ୍ତ।

– ରାମ ଚନ୍ଦ୍ର ପ୍ରଧାନ
ଆସିକା, ଗଞ୍ଜାମ, ମୋ:୯୮୬୧୬୩୮୭୩୬

## ପଥରଟିଏ

ପଥରଟିଏ ମୁଁ ପଡ଼ିଛି ଅନେଇ
ବିଶ୍ବ ମହାରଣା ହାତକୁ
ନିହାଣ ଆଘାତେ ଗଢ଼ିଦେବ ମୋତେ
ମୂରତି ହୋଇବି ଅର୍କକୁ।
ନୀରବେ ରହିଛି କାଳେ କାଳେ ଚାହିଁ
ବାର ଶ' ବଢ଼େଇ ବାଟକୁ
ଫେରିବ କି କେହି ଏହି ପଥ ଦେଇ
ପାଦେ ଡେଇଁ ମୋ' ଲଲାଟକୁ।
କେ' ବିଶ୍ବକରମା ଅଛି କା' ଗରିମା
କା' ନିହାଣ ପୁନ ଶାଣିତ
ନିର୍ଜୀବ ଦେହରେ ଜୀବନ ସଞ୍ଚରି
ଫୁଟାଇବ ଚାରୁ ସଙ୍ଗୀତ।
ଚାହେଁ କାରିଗର ମୋ ଦେହ ଭିତର
ଭରିଦେବ ନୂଆ ପରାଣ
କମକୁଟ କରି ଚାରୁକଳା ଚିରି
ଛୁଟେଇବ ବୁକେ ସ୍ପନ୍ଦନ।
ଜିଇବି ଆନନ୍ଦେ ରହି ଅପ୍ରମାଦେ
କୋଣାରକ ବକ୍ଷ ଦେଶରେ
ଲେଖିବ ଲେଖକ ଏ ଜାତିର ଟେକ
ଚିରକାଳ ଇତିହାସରେ।

– ବସନ୍ତ କୁମାର ପଣ୍ଡା
ବଇଁଚା, ଭଦ୍ରକ, ମୋ: ୮୯୭୮୪୪୭୦୩୬



## ଏଥରର



- ପୃଥିବୀର ବୃହତ୍ତମ ମହାଦେଶ ?
- ପୃଥିବୀର ବୃହତ୍ତମ ଓ ଗଭୀରତମ ମହାସାଗର ?
- ଆୟତନ ଅନୁସାରେ ପୃଥିବୀର ବୃହତ୍ତମ ଦେଶ ?
- ପୃଥିବୀର ସର୍ବବୃହତ୍ ଦ୍ୱୀପ ?
- ପୃଥିବୀର ବୃହତ୍ତମ ମରୁଭୂମି ?

## ଗତଥରର




- ଚାର୍ଲସ ବାବେଜ୍
- ଏଡ୍‌ୱାର୍ଡ ରବର୍ଟ
- ଜେ. ଭି ଆଟାନସୋଫ୍
- ସିଲିକୋ ସାପିଏନ୍ସ
- ସି.ପି.ୟୁ

## କହିଲ ଦେଖି

ଦହି ଚିନି ସାଥେ ନଡ଼ିଆକୋରା
କାଜୁ ଚେରି ସାଥେ ଲାଗେ ନିଆରା
ତା' ଉପରେ ପୁଣି ବର୍ଣ୍ଣଭିଟା
ଭାରି ସୁଆଦିଆ ଲାଗଇ ମିଠା
ଖରାଦିନେ ତା'ର ଲାଗେ ସମ୍ଭାର
କିଏ ସେ କହିବ ନାମଟି ତା'ର ?



ଉ– ଲସି

ସବୁଜ ରଙ୍ଗର ଖୋଳପାଟିଏ
ନାଲି ଟହଟହ ଭିତରେ ଥାଏ
ଭାରି ସୁଆଦିଆ ଅଟେସେ ଫଳ
ଜଳୀୟ ଅଂଶ ସେଥିରେ ଥାଏ ପ୍ରଚୁର।
ଭାରି ଉପକାରୀ ଶରୀର ପାଇଁ
କିଏସେ ପାରିବ ନାମ ତା' କହି।



ଉ– ତରଭୁଜ

ଭାରି ଉପକାରୀ ଦ୍ରବ୍ୟଟି ସିଏ
ଅନେକ କାମରେ ସେ ଲୋଡ଼ା ହୁଏ
ପିଇଦେଲେ ଥରେ ତାହାରି ପାଣି
କେତେ ଶାନ୍ତି ଲାଗେ ପେଟଟି ପୁଣି
କଳସ ଉପରେ ସେ ଶୋଭାପାଏ
ନାମଟି ତାହାର କହିବ କିଏ ?



ଉ– ପଇଡ଼

ଭାରି ସୁଆଦିଆ ସବୁଜ ରଙ୍ଗ
ସାଲାଡ଼ କରିଲେ ଲାଗଇ ବାଗ
ଭାରି ସ୍ୱାଦିଷ୍ଟ ଏକ ପରିବା ସିଏ
ନାମଟି ତାହାର କହିବ କିଏ ?



ଉ– କାକୁଡ଼ି

– ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର, ମୋ: ୮୮୯୨୩୦୧୧୪୩



# କାହିଁକି ଲୁଣିଆ ସମୁଦ୍ର ପାଣି

ଏକଦା ବାପାଙ୍କ ସାଙ୍ଗରେ ମୁନା ପୁରୀ ବୁଲି ଯାଇଥିଲା । ସେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ସାରି ସମୁଦ୍ର ବୁଲିବାକୁ ଗଲା । ବେଳାଭୂମିରେ ସମୁଦ୍ରର ଉଚ୍ଚା ଉଚ୍ଚା ଲହଡ଼ିମାଳା ତାକୁ ମୁଗ୍ଧ କଲା । ସେ ଦଉଡ଼ି ଯାଇ ସମୁଦ୍ର ଲହଡ଼ିକୁ ଛୁଇଁ ପାଣିକୁ ଟିକେ ପାଟିରେ ପୂରାଇଲା । ସେ ସଙ୍ଗେ ସଙ୍ଗେ ଚିତ୍କାର କରି ଉଠିଲା, 'ଇସ୍, କି ଲୁଣିଆ !' ଏହା କହି ସେ କୁଳି କରି ପାଣିକୁ ବାହାର କରିଦେଲା । ସେ ସେଇଠୁ ବାପାଙ୍କୁ ପଚାରିଲା, 'ବାପା, ସମୁଦ୍ରରେ କ'ଣ କିଏ ଲୁଣ ବସ୍ତାସବୁ ଢାଳିଦେଇଛି କି ?'

ବାପା ଉତ୍ତର ଦେଲେ, 'ନାହିଁରେ ବୋକା ; ସମୁଦ୍ର ତ ବିଶାଳ, ସେଥିରେ କେତେ ବସ୍ତା ଲୁଣ ମିଶାଇଲେ ତା' ପାଣି ଲୁଣିଆ ହେବ ?' ମୁନା ସେଇଠୁ ପଚାରିଲା , 'ତେବେ ସମୁଦ୍ରର ପାଣି ଲୁଣିଆ ହେଲା କିପରି ?'

ବାପା କହିଲେ, ''ଭଲ କଥାଟିଏ ପଚାରିଲୁ ; କହୁଛି ମନ ଦେଇ ଶୁଣ । ସୂର୍ଯ୍ୟ କିରଣ ଦ୍ୱାରା ସମୁଦ୍ରରୁ ଜଳ ବାଷ୍ପ ହୋଇ ଆକାଶରେ ବାଦଲ ସୃଷ୍ଟିକରେ । ତାହା ପୁଣି ବର୍ଷା ଆକାରରେ ତଳକୁ ଖସି ନଦୀରେ ପ୍ରବାହିତ ହୋଇ ସମୁଦ୍ରକୁ ଫେରିଆସେ ଏବଂ ଏହିପରି ଭାବରେ ପ୍ରକୃତିରେ ଜଳଚକ୍ର ପ୍ରକ୍ରିୟା ଗଡ଼ିଚାଲେ । ନଦୀ ମାଟିରୁ ଜଳୀୟ ଅଂଶ ଧୋଇନେଇ ସମୁଦ୍ରରେ ମିଶାଏ । ମାତ୍ର ଏତିକିରେ କଥା ସରିଯାଏ ନାହିଁ । ସମୟକ୍ରମେ, ପୁଣି ସମୁଦ୍ରର ଜଳ ବାଷ୍ପ ହୋଇ ବର୍ଷା ଆକାରରେ ନଦୀ ଜରିଆରେ ପ୍ରବାହିତ ହୁଏ ଓ ମାଟିରୁ ଅଧିକ ଲୁଣିଆ ଅଂଶ ଧୋଇ ନେଇ ସମୁଦ୍ରରେ ମିଶାଏ । ଏହି ପ୍ରକ୍ରିୟା ବର୍ଷ ପରେ ବର୍ଷ ଗଡ଼ିଚାଲେ ଏବଂ ନଦୀରୁ ଅଧିକରୁ ଅଧିକ ଲବଣ ଅଂଶ ସ୍ଥାନାନ୍ତରିତ ହୋଇ କ୍ରମାଗତ ସମୁଦ୍ରରେ ମିଶେ । ଲକ୍ଷେ ଲକ୍ଷେ ବର୍ଷର ଅନ୍ତରାଳରେ କ୍ରମାଗତ ବାଷ୍ପୀଭବନ ପ୍ରକ୍ରିୟା ଦ୍ୱାରା ସମୁଦ୍ରର ଲବଣ ଅଂଶ ଆଖିଦୃଶିଆ ଭାବେ ବୃଦ୍ଧି ପାଇଛି । ଏହି କାରଣରୁ ସମୁଦ୍ରର ପାଣି ଲୁଣିଆ ପାଲଟି ଯାଇଛି ।''

ମୁନା ପଚାରିଲା, ''ଯଦି ଏହି କାରଣ ପାଇଁ ସମୁଦ୍ର ଲୁଣିଆ ପାଲଟିଯାଇଛି, ତେବେ ସବୁ ନଦୀ କିମ୍ବା ପୋଖରୀର ଜଳ ମଧ୍ୟ ଲୁଣିଆ ପାଲଟିଯିବା କଥା ।''

ବାପା ହସି ହସି କହିଲେ, ''ନାହିଁରେ ବୋକା, ପ୍ରକୃତିରେ ସେପରି ହୁଏ ନାହିଁ । ନଦୀର ଜଳ ସ୍ଥିର ନୁହେଁ, ପ୍ରବହମାନ । ତେଣୁ ଏହାର ପାଣିରେ ଲବଣ ଅଂଶ କ୍ରମାଗତ ଜମା ହେବାର ପ୍ରଶ୍ନ ଉଠୁନାହିଁ । ସେହିପରି ପୋଖରୀ କିମ୍ବା ଗଡ଼ିଆରେ ପାଣି ଯଥେଷ୍ଟ କମ୍ ଥିବାରୁ ଏହାର ମଧ୍ୟ ଆଖିଦୃଶିଆ ଲବଣାକ୍ତ ସୃଷ୍ଟିହୁଏ ନାହିଁ ।'' ସେଇଠୁ ମୁନା ପଚାରିଲା, ''ବାପା ! ସବୁ ସମୁଦ୍ରର ପାଣି କ'ଣ ସମାନ ଲୁଣିଆ ?'' ବାପା ଉତ୍ତରଦେଲେ, ''ନା ସବୁ ସମୁଦ୍ରର ପାଣି ସମାନ ଭାବେ ଲୁଣିଆ ନୁହେଁ । କେଉଁ ସମୁଦ୍ରର ପାଣି କେତେ ଲୁଣିଆ ହେବ, ତାହା ସେଠାକାର ତାପମାତ୍ରା, ବାଷ୍ପୀଭବନର ପରିମାଣ, ମିଶିଥିବା ନଦୀର ସଂଖ୍ୟା ଆଦି କାରଣ ଉପରେ ନିର୍ଭର କରେ ।'' ମୁନା ପୁଣି ପଚାରିଲା, ''ବାପା ! କେଉଁ ସମୁଦ୍ରର ପାଣି ସବୁଠାରୁ ବେଶି ଲୁଣିଆ ?''

> ''ସବୁ ସମୁଦ୍ରର ପାଣି ସମାନ ଭାବେ ଲୁଣିଆ ନୁହେଁ । କେଉଁ ସମୁଦ୍ରର ପାଣି କେତେ ଲୁଣିଆ ହେବ, ତାହା ସେଠାକାର ତାପମାତ୍ରା, ବାଷ୍ପୀଭବନର ପରିମାଣ, ମିଶିଥିବା ନଦୀର ସଂଖ୍ୟା ଆଦି କାରଣ ଉପରେ ନିର୍ଭର କରେ ।''

ବାପା କହିଲେ, ''ମଧ୍ୟ-ଏସିଆରେ ଥିବା ମରୁ ସାଗରର ପାଣି ସବୁଠାରୁ ବେଶି ଲୁଣିଆ । ଏହାର ପାଣିରେ ଅଧିକ ଲୁଣ ଦ୍ରବୀଭୂତ ଥିବାରୁ ଏହି ଜଳର ଘନତା ମଧ୍ୟ ସବୁଠାରୁ ବେଶି । ଏହାର ଘନତା ଏତେ ବେଶି ଯେ, ଜଣେ ଲୋକ ଏହାର ଜଳରେ ବୁଡ଼ିଯାଏ ନାହିଁ ।''

ବାପାଙ୍କ ଉତ୍ତରରେ ମୁନା ସମୁଦ୍ରର ପାଣି କାହିଁକି ଲୁଣିଆ ହେଲା ବୁଝିପାରିଲା । ସୁତରାଂ ଘରକୁ ଫେରିଲା ବେଳକୁ ତା' ମନ ଭାରି ଖୁସିଥାଏ ସେଦିନ ।

**– ନିକୁଞ୍ଜ ବିହାରୀ ସାହୁ**
ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୦୧୮୭୦୮୮୫୮



## କ୍ଷୀରର ରଙ୍ଗ ଧଳା କାହିଁକି



ଶରୀର ପାଇଁ କ୍ଷୀର କେତେ ଉପକାରୀ ତାହା କହିବା ଅନାବଶ୍ୟକ। ପ୍ରତିଦିନ ଏହାକୁ ପିଇଲେ ଶାରୀରିକ ବିକାଶରେ ସହାୟକ ହୋଇଥାଏ। ସାଧାରଣତଃ ଗାଈ, ମଇଁଷି, ଛେଳି ଆଦି କେତେକ ପ୍ରାଣୀଙ୍କ କ୍ଷୀରର ରଙ୍ଗ ଧଳା ହୋଇଥାଏ। ଏହା ପଛରେ କିଛି କାରଣ ଅଛି କି ? ହଁ, କ୍ଷୀର ଧଳା ହେବା ପଛରେ ବୈଜ୍ଞାନିକ କାରଣ ରହିଛି। ପାଣି, ଫ୍ୟାଟ, କାର୍ବୋହାଇଡ୍ରେଟ, କ୍ୟାଲସିୟମ ଏବଂ ମିନେରାଲ ଆଦି ତତ୍ତ୍ୱକୁ ନେଇ କ୍ଷୀର ଗଠିତ। ବିଶେଷଭାବେର କ୍ଷୀରରେ କ୍ୟାସିନ୍' ନାମକ ପ୍ରୋଟିନ୍ ଅଛି। ଏହା କ୍ୟାଲସିୟମ ଫସଫେଟ୍ ସହ ମିଶିଗଲେ 'ମିସେଲ୍ସ ନାମକ ଏକ ପାର୍ଟିକିଲ ଗଠନ କରିଥାଏ। ଯେତେବେଳେ କ୍ଷୀର ଉପରେ ଆଲୋକ ପଡେ ସେତେବେଳେ କ୍ୟାସିନ୍-ମିସେଲ୍ସ ମିଶ୍ରଣ ଯୋଗୁଁ ଏହାର ରଙ୍ଗ ଧଳା ଦେଖାଯାଏ।

## ଭାରତର ସ୍କଟ୍‌ଲାଣ୍ଡ



ବିଶ୍ୱରେ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରହିଛି। ଆମ ଦେଶରେ ମଧ୍ୟ ଏଗୁଡିକର ସଂଖ୍ୟା କିଛି କମ୍ ନୁହେଁ। ଯାହାକୁ ଦେଖିବାକୁ ଦେଶ-ବିଦେଶରୁ ଅନେକ ପର୍ଯ୍ୟଟକ ପ୍ରତିବର୍ଷ ଏଠାକୁ ଆସନ୍ତି। ଦକ୍ଷିଣ ଭାରତରେ ଅବସ୍ଥିତ କର୍ନାଟକରେ ରହିଛି କୁର୍ଗ ଜିଲା। ଏହି ଜିଲାରେ ଏକ ହିଲ୍ ଷ୍ଟେଶନ ଅଛି, ଯାହାକୁ 'ଭାରତର ସ୍କଟଲାଣ୍ଡ' ବୋଲି ନାମିତ କରାଯାଇଛି। ଉକ୍ତ ମନୋରମ ହିଲ୍ ଷ୍ଟେଶନ ସମୁଦ୍ର ପତନ ଠାରୁ ପ୍ରାୟ ୯୦୦ ମିଟର ଉଚ୍ଚରେ ଅବସ୍ଥିତ। ଏଠାରେ ବର୍ଷତମାମ ତାପମାତ୍ରା ୧୫-୨୦ ଡିଗ୍ରୀ ସେଲ୍‌ସିୟସ୍ ରହିଥାଏ। ବିଶେଷଭାବରେ ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ଉକ୍ତ ହିଲ୍ ଷ୍ଟେଶନରେ ପ୍ରବଳ ଜନସମାଗମ ହୋଇଥାଏ। ମାର୍ଚ୍ଚ ଏବଂ ଏପ୍ରିଲ ମାସରେ ଏହି ପାହାଡ ଚାରିପଟେ ଧଳା ଫୁଲର ସମାହାର ଦେଖିବାକୁ ମିଳେ। ଏହାର ମନୋରମ ଦୃଶ୍ୟ ହିଁ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ।

## ରଙ୍ଗ ବଦଳାଏ ଶିବଲିଙ୍ଗ



ଆମ ଦେଶରେ ଅନେକ ପ୍ରାଚୀନ ଶୈବ ପୀଠ ରହିଛି। ଏହା ପଛରେ ମଧ୍ୟ ଭିନ୍ନ ଭିନ୍ନ କାହାଣୀ ଅଛି। ରାଜସ୍ଥାନର ଧୋଲପୁରସ୍ଥିତ ଚମ୍ବଲ ନଦୀକୂଳରେ ରହିଛି ଅଚଳେଶ୍ୱର ମହାଦେବ ମନ୍ଦିର। ଏହି ମନ୍ଦିରର ଏକ ସ୍ୱତନ୍ତ୍ରତା ଅଛି। ଏଠାରେ ଥିବା ଶିବ ଲିଙ୍ଗ ଦିନ ଭିତରେ ରଙ୍ଗ ବଦଳାଇଥାଏ। ପୁଣି କେତେ ଥର ଜାଣନ୍ତି ? ତିନି ଥର। ସକାଳ ସମୟରେ ଏହା ଲାଲ ଦେଖାଯାଉଥିବା ବେଳେ ଖରାବେଳ ସମୟରେ କମଳା ରଙ୍ଗ ଓ ରାତିରେ ଗାଢ଼ କଳାରଙ୍ଗରେ ପରିଣତ ହୋଇଥାଏ। ହେଲେ ଏଭଳି ରଙ୍ଗ ବଦଳାଇବା ପଛରେ କ'ଣ କାରଣ ରହିଛି ତାହା ଏପର୍ଯ୍ୟନ୍ତ ରହସ୍ୟମୟ ହୋଇ ରହିଛି। ଏହି ମନ୍ଦିରରେ ବର୍ଷତମାମ ସବୁବେଳେ ଭିଡ଼ ଲାଗି ରହିଥାଏ। କିନ୍ତୁ ଶ୍ରାବଣ ମାସରେ ଏଠାରେ ପ୍ରବଳ ଭିଡ ହୁଏ। କଥିତ ଅଛି ଯେ, ଏହି ଲିଙ୍ଗଦର୍ଶନ ମାତ୍ରକେ ଆପଣଙ୍କର ମନସ୍କାମନା ପୁରଣ ହୋଇଯାଇଥାଏ।

# ଆ ଇ ନା



ଆରାଧ୍ୟା କର
୭ ବର୍ଷ, ଭୁବନେଶ୍ୱର



ସ୍ୱେତଲିନା
୮ ବର୍ଷ, ଭୁବନେଶ୍ୱର